
# OSSTET Exam- Mock Test, PYQS , Note, E-Books Get Now On App




## Tech Of World

## Download App

GET IT ON Google Play

## Click Here

YouTube- Click Here

Telegram- Click Here

Facebook- Click Here

Download Tech Of World App
WtsApp/Call- 8596976190

No. of Printed Pages : 80
Total No. of Questions : 510
Questions to be answered : 150

# OSSTET 2021 PAPER - I

Question Booklet Sl. No. 1043811

SET : C

Time : 2 Hours 30 Minutes

Full Marks : 150

Roll No. (in figures): ____________________

(in words) : ____________________

Date of Exam. : ____________________

Centre Name : ____________________

Centre Code : ____________________

Techofworld.In

**PLEASE READ THE INSTRUCTION PRINTED ON THE BACK OF THIS BOOKLET**

The candidates are required to answer all the Sections in the OMR Answer Sheet.

This Booklet is to be taken away by the candidates after examination is over and the OMR Answer Sheet to be handed over to the Invigilator(s) concerned.

**THIS BOOKLET CONTAINS FOUR SECTIONS ( SECTION - I TO IV )**

| SECTIONS | SUBJECTS | NO. OF QUESTIONS | FULL MARKS |
|---|---|---|---|
| A : Section-I | Odia (Compulsory for all Streams) | 1-20=20 | 20 |
| A : Section-II | English (Compulsory for all Streams) | 21-40=20 | 20 |
| B : Section-III | Optional (any one group/subject to be chosen)<br>Arts : Odia + English + History & Political Science + Geography & Economics | 41-100=60 | 60 |
| | Science (PCM) : Physics + Chemistry + Mathematics | 41-100=60 | 60 |
| | Science (CBZ) : Chemistry + Botany + Zoology | 41-100=60 | 60 |
| | Classical Sanskrit | 41-100=60 | 60 |
| | Urdu | 41-100=60 | 60 |
| | Telugu | 41-100=60 | 60 |
| | Hindi | 41-100=60 | 60 |
| C : Section-IV | Compulsory for all streams :<br>Child Development, Pedagogy, School Management & Evaluation | 101-150=50 | 50 |

Join Us-

Download Tech Of World App WtsApp/Call- 8596976190

## A - SECTION - I
## ODIA (COMPULSORY)

**ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ନଂ 1 ରୁ 5 ପର୍ଯ୍ୟନ୍ତ) ଗୁଡ଼ିକର ଉତ୍ତର ବାଛ :**

ଅନେକ ପାଶ୍ଚାତ୍ୟ ସମାଲୋଚକ ଭାରତୀୟମାନଙ୍କର ରଚନା, ଗବେଷଣା ଓ ସାମାଜିକ ଆୟୋଜନରେ ମୌଳିକତାର ଏକାନ୍ତ ଅଭାବ ଲକ୍ଷ୍ୟକରି ଆକ୍ଷେପ କରିଥାନ୍ତି । ଯେଉଁଠି ବ୍ୟକ୍ତି ଓ ସମାଜର ସକଳ ଦୈନନ୍ଦିନ କର୍ମ ଓ ଚିନ୍ତାଧାରାକୁ ପରମ୍ପରାହିଁ ନିୟନ୍ତ୍ରଣ କରେ, ସେଠି ମୌଳିକତାର ବିକାଶ ସହଜ ନୁହେଁ । ସେଠାରେ ଗତାନୁଗତିକତାହିଁ ସାଧାରଣ ଦୃଶ୍ୟ ହେବାର କଥା । ଭାରତବର୍ଷରେ ଅନେକାଂଶରେ ତାହାହିଁ ଘଟିଛି । ବିଶ୍ୱ ସଂସ୍କୃତିକୁ ଭାରତର ଧର୍ମ, ସାହିତ୍ୟ, କଳା ଓ ଦର୍ଶନ ଦେଇ ଅତୁଳନୀୟ ଦାନ ଥିଲେହେଁ, ମନୁଷ୍ୟର ପାର୍ଥିବ ଜୀବନକୁ ସୁଖ ସ୍ୱାଚ୍ଛନ୍ଦ୍ୟମୟ କରିବା ପାଇଁ ଅନ୍ୟ ଜାତିମାନଙ୍କ ତୁଳନାରେ ଭାରତର ଦାନ ସାମାନ୍ୟ । ସକାଳୁ ଉଠି ରାତିରେ ଶୋଇବାକୁ ଗଲାଯାଏଁ ଆମର ଦୈନନ୍ଦିନ ଜୀବନ ସମ୍ପୃକ୍ତ ଭିନ୍ନଭିନ୍ନ ଦ୍ରବ୍ୟର ଆଲୋଚନା କଲେ ଏହା ସ୍ପଷ୍ଟ ହୋଇ ଉଠିବ । ସାନିଟାରୀ ଲାଟିନ୍, ଟାପକଳ, ଦୈନିକ କାଗଜ, ମୁଦ୍ରାଯନ୍ତ୍ର, ଚା' ବା କଫି ଓ ଚାଇନା ଗିନା ଥାଳିଆ, ରିକ୍ସା ବା ମୋଟର, ରେଳଗାଡ଼ି, ଏରୋପ୍ଲେନ୍, ଇଲେକ୍ଟ୍ରିକ୍ ପଙ୍ଖା ଓ ଆଲୁଅ ପୁଣି ୱାଚ ଓ ଘଣ୍ଟା କହତ; ଏଥିରୁ କେଉଁଟି ଭାରତବର୍ଷର ନିଜସ୍ୱ ଉଦ୍ଭାବନ ? ଆମେ ଆମ ସଭ୍ୟତା ଓ ସଂସ୍କୃତି ନାମରେ ଲମ୍ଫ-ଝମ୍ପ ଦେଇପାରୁ କିନ୍ତୁ ଯେଉଁ ସଂସ୍କୃତିର ଐତିହ୍ୟ ଆମର ବର୍ତ୍ତମାନକୁ ସୁନ୍ଦର ଓ ସ୍ୱଚ୍ଛନ୍ଦ କରିବାକୁ ଶିଖାଏନା ବା ସାହାଯ୍ୟ କରେନା କେବଳ ନୁହେଁ, ତାହା ସଭ୍ୟ ମନୁଷ୍ୟର ଏକ କର୍ତ୍ତବ୍ୟ ବୋଲି ମଧ୍ୟ କେବେହେଲେ ପ୍ରେରଣା ଦେଇନି, ସମସାମୟିକ ପ୍ରୟୋଜନ ଦୃଷ୍ଟିରୁ ତାହାର ମୂଲ୍ୟ କମିଯିବାର କଥା ।

1. ଆମ ସଂସ୍କୃତି କାହା ଉପରେ ଗୁରୁତ୍ୱ ଦିଏ ନାହିଁ ?
   (A) ବର୍ତ୍ତମାନର ଆବଶ୍ୟକତା
   (B) ଅତୀତ ଐତିହ୍ୟ
   (C) ପରମ୍ପରା
   (D) ଗତାନୁଗତିକତା

2. ବିଶ୍ୱ ସଂସ୍କୃତିକୁ କ'ଣ ଭାରତର ଦାନ ନୁହେଁ ?
   (A) ଧର୍ମ
   (B) ଦର୍ଶନ
   (C) କଳା
   (D) ପାର୍ଥିବ ସୁଖ ପ୍ରଦାନକାରୀ ବସ୍ତୁ

Techofworld.In

3. ଆମ ସଂସ୍କୃତିର ଐତିହ୍ୟ କିପରି ?
   (A) ଯୁଗୋପଯୋଗୀ
   (B) ଯୁଗୋପଯୋଗୀ ନୁହେଁ
   (C) ପ୍ରେରଣା ଦାୟୀ
   (D) ପ୍ରଗତିଶୀଳ

4. ପାଶ୍ଚାତ୍ୟ ସମାଲୋଚକମାନେ ଭାରତୀୟମାନଙ୍କଠାରେ କାହାର ଅଭାବ ଲକ୍ଷ୍ୟ କରନ୍ତି ?
   (A) ପାରମ୍ପରିକତାର
   (B) ଗତାନୁଗତିକତାର
   (C) ମୌଳିକତାର
   (D) ଧାର୍ମିକତାର

Join Us-

Download Tech Of World App
WtsApp/Call- 8596976190

5. ଭାରତୀୟ ଜୀବନଧାରାରେ ସାଧାରଣତଃ କ'ଣ ଦେଖାଯାଏ ?

(A) ଗତାନୁଗତିକତା

(B) ମୌଳିକତା

(C) ସାମାଜିକତା

(D) ନୈତିକତା

6. ତୁଳସୀ ବି' ପତ୍ରରୁ ବାସେ, ବିଛୁଆତି ବି' ପତ୍ରରୁ କୁଣ୍ଡାଇ ହୁଏ । - ଏହା କେଉଁ ପ୍ରକାର ବାକ୍ୟ ?

(A) ଯୌଗିକ

(B) ଜଟିଳ

(C) ସରଳ

(D) ମିଶ୍ର

Techofworld.In

7. ସବୁଟି ମିଛ ହରି ନାମଟି ସତ । - ଏଥିରେ 'ସବୁ' କେଉଁ ପଦ ?

(A) ବିଶେଷ୍ୟ

(B) ବିଶେଷଣ

(C) ସର୍ବନାମ

(D) ଅବ୍ୟୟ

8. 'ନିରର୍ଥକ' - ଏହା କେଉଁ ସମାସ ନିଷ୍ପନ୍ନ ପଦ ?

(A) ବହୁବ୍ରୀହି

(B) କର୍ମଧାରୟ

(C) ତତ୍ପୁରୁଷ

(D) ଦ୍ୱିଗୁ

9. 'ସଟାବଟା କରି' ରୂଢ଼ିର ଅର୍ଥ କ'ଣ ?

(A) କଷ୍ଟସାଧ୍ୟ

(B) କୌଣସି ମତେ

(C) ବୃଥା ପରିଶ୍ରମ

(D) ଅତି ପୁରୁଣା

10. ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି 'ଅ' ପ୍ରତ୍ୟୟ ଯୁକ୍ତ ?

(A) ଗବ୍ୟ

(B) ଦୈତ୍ୟ

(C) ବୈଦ୍ୟ

(D) ସୈନ୍ୟ

11. ଶୁଦ୍ଧ ଶବ୍ଦଟିକୁ ବାଛ :

(A) ଚାକିରୀ

(B) ଭରଷା

(C) ଉପତ୍ୟାକା

(D) ସାରଥି

12. ରୂପର ଯୋଗ୍ୟ - ସମସ୍ତ ପଦଟି କ'ଣ ?

(A) ଅପରୂପ

(B) ଅନୁରୂପ

(C) ଯଥାରୂପ

(D) ପ୍ରତିରୂପ

Join Us-

Download Tech Of World App WtsApp/Call- 8596976190

13. ଭୁଲ ନଥିବା ବାକ୍ୟଟିକୁ ଚିହ୍ନାଅ :

(A) ସେ ଅତିଥିମାନଙ୍କୁ ସବାନ୍ଧବେ ଆସିବାକୁ ନିମନ୍ତ୍ରିତ କଲେ ।

(B) ଗୌତମ ମୃତ ଶବକୁ ଦେଖିବାପରେ ସନ୍ନ୍ୟାସୀ ହେବାକୁ ସ୍ଥିର କରିଥିଲେ ।

(C) ଶିକ୍ଷାପ୍ରସାର ଦ୍ୱାରା ଜାତିର ସର୍ବାଙ୍ଗୀଣ ଉନ୍ନତି ସାଧିତ ହୁଏ ।

(D) ଭିନ୍ନକ୍ଷମମାନଙ୍କୁ ସକ୍ଷମ କରିବାପାଇଁ ସରକାର ବହୁ ଯୋଜନାମାନ କରୁଛନ୍ତି ।

Techofworld.In

14. 'ରମଣୀୟ' ଶବ୍ଦଟି କେଉଁ କୃତ୍ ପ୍ରତ୍ୟୟ ଦ୍ୱାରା ଗଠିତ ?

(A) ୟ

(B) ଅନୀୟ

(C) ଈୟ

(D) ଅଣୀୟ

15. ସତୀଙ୍କ ତମସା ଅଙ୍କରେ

ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ ।

- ଏଥିରେ କେଉଁ ଅଳଙ୍କାର ରହିଛି ?

(A) ରୂପକ

(B) ଉପମା

(C) ଶ୍ଳେଷ

(D) ଉତ୍ପ୍ରେକ୍ଷା

16. ନିମ୍ନ ପ୍ରଦତ୍ତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁ ଶବ୍ଦରେ ସ୍ୱାଭାବିକ ଭାବେ 'ଣ' ରହିଛି ?

(A) ଶ୍ରବଣ

(B) ମ୍ରିୟମାଣ

(C) ନିର୍ଣ୍ଣୟ

(D) ଲବଣ

17. ମନ୍ଦିରଟି ଦ୍ୱାଦଶବର୍ଷରେ ତୋଳା ହେଲା । - ରେଖାଙ୍କିତ ପଦଟି କେଉଁ ବିଭକ୍ତି ?

(A) ସପ୍ତମୀ

(B) ପଞ୍ଚମୀ

(C) ପ୍ରଥମା

(D) ତୃତୀୟା

18. ସରେ ରସେ ଷଟପଦ ସାରସୀ- ରସରେ

ବୁଲେ ସଦା ଲବେ ସ୍ଥିର ନୋହି କା ପାଶରେ । - ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ଉପମା

(B) ଶ୍ଳେଷ

(C) ଅନୁପ୍ରାସ

(D) ଉତ୍ପ୍ରେକ୍ଷା

19. 'ଉଠିଆ ଖାଇବା' ରୂଢ଼ିଟି କେଉଁ ଅର୍ଥରେ ପ୍ରଚଳିତ ?

(A) ରାଗିବା

(B) ମାଗଣା ଖାଇବା

(C) ଉପରେ ପଡ଼ି କହିବା

(D) ଉନ୍ନତି ଉପରେ ଉନ୍ନତି

20. ଚୋରଟି ପୋଲିସ୍ କର୍ତ୍ତୃକ ଧରାହେଲା । - ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ହେତୁବୋଧକ

(B) ଭାବ ବାଚକ

(C) ନିଶ୍ଚୟ ବୋଧକ

(D) ବିଭକ୍ତି ସୂଚକ

Join Us-